ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୩ ମାର୍ଚ୍ଚ, ୨୦୨୩

## ନିଆଁରେ ପୋଡ଼ିହୋଇ ମହିଳାଙ୍କ ମୃତ୍ୟୁ

ଜି.ଉଦୟଗିରି.(ଡି.ଏନ.ଏ.)-ଜି.ଉଦୟଗିରି ସହରର ୱାର୍ଡ ନମ୍ବର-୬ ଗୌଡ଼ସାହିର ଜଣେ ମହିଳା ପିଆରୀ ପ୍ରଧାନଙ୍କର ନିଆଁରେ ପୋଡ଼ିହୋଇ ମୃତ୍ୟୁ ଘଟିଛି। ଅସାବଧାନତା ଯୋଗୁ ତାଙ୍କ ଶାଢ଼ିରେ ନିଆଁ ଲାଗିଯାଇଥିବା ସୂଚନା ମିଳିଛି। ଗୁରୁବାର ସକାଳେ ତାଙ୍କ ଘରୁ ଚିତ୍କାର ଶୁଣି ପାଖ ପଡ଼ୋଶୀ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜି.ଉଦୟଗିରି ଆଦର୍ଶ ଥାନାରେ ୟୁଡି କେସ୍ ନମ୍ବର ୦୬/୨୩ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।



## ଆଜି କ'ଣ କେଉଁଠି

**ବ୍ରହ୍ମପୁର**
- ସମବାୟ ଋଣ ମେଳା । ସ୍ଥାନ-ହିଲପାଟଣା ସଂସ୍କୃତି ଭବନ। ସମୟ-ଅପରାହ୍ନ ୪ଟା।

**ବୁଗୁଡ଼ା**
- ବିଶ୍ୱଶାନ୍ତି ମହାଯଜ୍ଞ ସକାଶେ କଳସ ଯାତ୍ରା। ସ୍ଥାନ-ବୁଗୁଡା ବଡଦାଣ୍ଡ। ସମୟ-ଅପରାହ୍ନ ୫ ଟା।

**ଫୁଲବାଣୀ**
- ଜିଲା ଲେଖକ ସାମୁଖ୍ୟର ବାର୍ଷିକ ଉତ୍ସବ ଓ ପୁସ୍ତକ ମେଳା। ସ୍ଥାନ-ଫୁଲବାଣୀ ବିଟିମ ପଡିଆ। ସମୟ-ସନ୍ଧ୍ୟା ୫ଟା ୩୦।

**ପୋଲସରା**
- ବିଜୁ ବାବୁଙ୍କ ୧୦୭ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ପ୍ରସ୍ତୁତି ବୈଠକ। ସ୍ଥାନ-କୋଣାର୍କ କଲ୍ୟାଣ ମଣ୍ଡପ। ସମୟ- ସନ୍ଧ୍ୟା ୬ ଟା।
- ତାରା ତାରିଣୀ ଠାକୁରାଣୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ। ସ୍ଥାନ- ବାଲିଛାଇ, ସମୟ-ସନ୍ଧ୍ୟା ୭ଟା୩୦।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ଧରାକୋଟ, ୨।୩(ଡି.ଏନ୍.ଏ): ଧରାକୋଟ ଥାନା ଅନ୍ତର୍ଗତ ଜାନବିଲି ଗ୍ରାମର ଜଣେ ୬୦ ବର୍ଷୀୟ ବୃଦ୍ଧ ଗନ୍ତା ବିଷୋୟୀ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ଗୁରୁବାର ସେ ଗାଧୋଇବାକୁ ଯାଇଥିବା ବେଳେ ଅସାବଧାନତା କାରଣରୁ ଗୋଡ଼ ଖସିଯିବାରୁ ପୋଖରୀରେ ବୁଡ଼ି ଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ପାଇ ନଥିଲେ। ସେଠାରେ ତାଙ୍କର ଜୋତା ଓ ବଙ୍କୁଲି ବାଡି ଦେଖି ସନ୍ଦେହରେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶବ ବାହିନୀ ପୋଖରୀରୁ ଖୋଜାଖୋଜି କରି ମୃତଦେହ ଜବତ କରିଥିଲେ।

### ବାଇକ୍ ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

ଆସିକା, ୨।୩ (ଡି.ଏନ୍.ଏ): ଆସିକା ଥାନା ଅନ୍ତର୍ଗତ ବାଲିଛାଇ - ଗୁଣ୍ଠପଡା ମଧରେ ଗୁରୁବାର ରାତି ପ୍ରାୟ ୮ଟା ୩୦ ମିନିଟ ସମୟରେ ଏକ ବାଇକ୍ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ବାଲିଛାଇ ଗ୍ରାମର ମଧୁସୂଦନ ପାତ୍ର (୫୧) । ବାଇକ୍ ଆରୋହୀ ରାଇପଲ୍ଲୀ ଗ୍ରାମର ଆଲୋକ ପଡିଆରୀ (୨୧) ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ଆସିକା ସରକାରୀ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇ ଦିଆଯାଇଛି । ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି ।

### ଯୁବତୀଙ୍କୁ ପ୍ରତାରଣା କରି ଯୁବକ ଗିରଫ

ବ୍ରହ୍ମପୁର ଅଫିସ,୨।୩-ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ଯୁବକ ଜଣଙ୍କ ଉକ୍ତ ଯୁବତୀଙ୍କ ଗର୍ଭପାତ କରିବା ସହ ପ୍ରତାରଣା କରିଥିବା ନେଇ ଅଭିଯୋଗ ହୋଇଛି। ମହିଳା ଥାନା ପୋଲିସ ମାମଲା ନମ୍ବର ୩୦/୨୩ ରେ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ହରିଡାଖଣ୍ଡିର ପିଣ୍ଟୁ ଦାସ(୩୦)। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

ପ୍ରକାଶ ଯେ, ପିଣ୍ଟୁ ରଙ୍ଗ ମିସ୍ତ୍ରି ଭାବେ କାର୍ଯ୍ୟ କରୁଥିବା ବେଳେ ୨୦୧୭ରେ କେ. ନୂଆଗାଁ ଅଞ୍ଚଳର ଏହି ଯୁବତୀ ସହ ସମ୍ପର୍କରେ ଆସିଥିଲେ। ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପିଣ୍ଟୁ ତାଙ୍କ ସହ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ଏହା ଭିତରେ ଯୁବତୀ ଜଣଙ୍କ ୪ ଥର ଗର୍ଭବତୀ ହୋଇଥିଲେ। ହେଲେ ତାଙ୍କୁ ବିବାହ କରିବି ବୋଲି କହି ପିଣ୍ଟୁ ବାରମ୍ବାର ଗର୍ଭପାତ କରିଥିଲେ। ଗତ ୨ ଦିନ ତଳେ ପିଣ୍ଟୁ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରିଥିବା ପୀଡ଼ିତା ଜଣଙ୍କ ଜାଣିବାକୁ ପାଇଥିଲେ। ସେହି କ୍ରମରେ ପୀଡ଼ିତା ଜଣଙ୍କ ବ୍ରହ୍ମପୁର ମହିଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ଦୁର୍ଘଟଣାରେ ଯୁବତୀଙ୍କ ମୃତ୍ୟୁ

ବ୍ରହ୍ମପୁର ଅଫିସ,୨।୩-ଦୁର୍ଘଟଣାରେ ଗୁରୁତର ଆହତ ଜଣେ ଯୁବତୀଙ୍କର ବ୍ରହ୍ମପୁର ବଡ ମେଡିକାଲରେ ମୃତ୍ୟୁ ଘଟିଛି। ମୃତକ ହେଲେ ପାଟପୁର ଥାନା ଅଞ୍ଚଳର ପୁଷ୍ପିତା ମହାରଣା(୨୦)। ଯୁବତୀ ଜଣଙ୍କ ତାଙ୍କ ପ୍ରେମିକଙ୍କ ସହ ବାଇକ୍‌ରେ ଯାଉଥିବା ବେଳେ ଗାଡ଼ି ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଗୁରୁବାର ମୃତଦେହ ଜବତ କରି ପୋଲିସ ନଂ ୧୩୮/୨୩ ରେ ଏକ ମାମଲା ରୁଜୁ କରିଛି।

# ଉତ୍ତର ଘୁମୁସର ବନଖଣ୍ଡ ଜଳୁଛି

## କର୍ମଚାରୀ ହତାଶ, ବନ୍ୟପ୍ରାଣୀ, ପରିବେଶ ବିପଦରେ


ଉତ୍ତର ଘୁମୁସର ବନଖଣ୍ଡରେ ଜଙ୍ଗଲରେ ନିଆଁ ଲାଗି ଜଳୁଛି।

ଭଞ୍ଜନଗର, ୨।୩(ଡି.ଏନ୍.ଏ)

ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଦୁର୍ଗାପ୍ରସାଦ ଏବଂ ମୁଜାଗଡ ସେକ୍ସନର ଏକାଧିକ ଜଙ୍ଗଲରେ ଗୁରୁବାର ନିଆଁ ଲାଗିଥିବା ଦେଖିବାକୁ ମିଳିଛି। ଦୁର୍ଗାପ୍ରସାଦ ଅଞ୍ଚଳ ଜଙ୍ଗଲରେ ମଧ୍ୟ ନିଆଁ ଲାଗିଛି। ସମ୍ପୃକ୍ତ ସେକ୍ସନର କିଛି କର୍ମଚାରୀ ଲୋକଙ୍କ ସହ ସୁସମ୍ପର୍କ ରଖିବାରେ ବିଫଳ ଯୋଗୁଁ ନିଆଁକୁ ଆୟତ୍ତ କରିପାରୁନାହାନ୍ତି। କିଛି କର୍ମଚାରୀ କର୍ମକ୍ଷେତ୍ରରେ ରହିବା ବଦଳରେ ଭଞ୍ଜନଗର ସହର ନଚେତ ନିଜ ଘରେ ରହିବାକୁ ପସନ୍ଦ କରୁଛନ୍ତି। ତେଣୁ ଜଙ୍ଗଲରେ ନିଆଁ ଲାଗିଲେ ହଠାତ୍ କର୍ମଚାରୀମାନେ ଜାଣି ପାରୁନାହାନ୍ତି। ଫଳରେ ଜଙ୍ଗଲ ପୋଡି ବଢିଯାଉଛି। ବିଗତ ଦୁଇଦିନ ହେଲା କର୍ମଚାରୀମାନେ ଦୁର୍ଗାପ୍ରସାଦ ଅଞ୍ଚଳର ଲାଗିଥିବା ବିଭିନ୍ନ ଜଙ୍ଗଲ ନିଆଁକୁ ରୋକିପାରୁନାହାନ୍ତି। ଡିଏଫଓ ସୁଦର୍ଶନ ବେହେରା ନିଆଁକୁ ନିୟନ୍ତ୍ରଣ କରିବା ପାଇଁ ଅନ୍ୟ ରେଞ୍ଜର କର୍ମଚାରୀମାନଙ୍କୁ ଏକାଠି କରି ଘଟଣା ସ୍ଥଳକୁ ଯାଇଛନ୍ତି। ସେହିଭଳି ମୁଜାଗଡ ନିକଟସ୍ଥ କୁର୍ତ୍ତୁଣିକୁମ୍ଭା ପାହାଡ଼ର ଦୁଇଟି ସ୍ଥାନରେ ନିଆଁ ଲାଗିଛି। ବାପାଙ୍ଗୀ ନିକଟସ୍ଥ ପାହାଡ଼ ମଧ୍ୟ ଜଳୁଛି। ଗୋଟିଏ ପଟେ ହାତୀ ଭୟ, ଅନ୍ୟପଟେ ଜଙ୍ଗଲ ଜଳିବା ଯୋଗୁଁ ରାତିରେ ନିଆଁ କୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡୁଛି। ଏଥିସହ ଜଗନ୍ନାଥପ୍ରସାଦ, ତାରସିଂ ରେଞ୍ଜରେ ମଧ୍ୟ କେତେକ ଜଙ୍ଗଲ ଜଳୁଥିବା ଦେଖିବାକୁ ମିଳିଛି। ତାହାକୁ ନିୟନ୍ତ୍ରଣ କରାଯାଇଥିବା ଜଣାପଡିଛି। ଯେଉଁ କର୍ମଚାରୀମାନେ ନିଷ୍ଠାର ସହ କାମ କରୁଛନ୍ତି ସେଠାରେ ନିଆଁ ତୁରନ୍ତ ନିୟନ୍ତ୍ରଣ କରାଯାଇପାରୁଛି।

ଏନେଇ ଡିଏଫଓ ସୁଦର୍ଶନ ବେହେରାଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ନିଆଁ ନିୟନ୍ତ୍ରଣ କରିବା ପାଇଁ ସବୁ ପ୍ରକାର ଚେଷ୍ଟା କରାଯାଉଛି। ଭିଏସଏସ୍ କର୍ମକର୍ତ୍ତା ଏବଂ ବନ କର୍ମଚାରୀ ମିଳିମିଶି ନିଆଁକୁ ନିୟନ୍ତ୍ରଣ ପାଇଁ ଲାଗି ପଡ଼ିଛନ୍ତି। ଜଙ୍ଗଲ ପୋଡି ଯୋଗୁଁ ଜଙ୍ଗଲର ତିନୋଟି ସ୍ତର ମଧ୍ୟରୁ ପ୍ରଥମ ସ୍ତର ଜଙ୍ଗଲଟି ବିଶେଷ କ୍ଷତିଗ୍ରସ୍ତ ହେଉଛି। ଦ୍ୱିତୀୟସ୍ତର ମଧ୍ୟ କିଛିମାତ୍ରାରେ କ୍ଷତିଗ୍ରସ୍ତ ହେଉଛି। ବନ୍ୟପ୍ରାଣୀ ବିପଦରେ ପଡ଼ିବା ସହ ପରିବେଶ ପ୍ରଦୂଷିତ ହେଉଛି। ଏହିଭଳି ପରିସ୍ଥିତିରେ ସମସ୍ତେ ମିଳିମିଶି ଜଙ୍ଗଲ ପୋଡିକୁ ରୋକିବାର ଆବଶ୍ୟକ ରହିଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

bmpselfie@gmail.com


@ ଅଖିଳ


@ ପ୍ରଭାତ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ, ୧ଲକ୍ଷ ଜରିମାନା

## ଗଞ୍ଜେଇ ଜବତ ମାମଲା

ବ୍ରହ୍ମପୁର ଅଫିସ,୨।୩

ଅତିରିକ୍ତ ଜିଲା ଜଜ୍(ଲିଭ ରିଜର୍ଭ) ରାଜ୍ କୁମାର ଦାଶ ଗୁରୁବାର ଏକ ଗଞ୍ଜେଇ ଜବତ ମାମଲାର ଶୁଣାଣି କରିଥିଲେ। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ମିଳିବାରୁ ସେ ଅଭିଯୁକ୍ତଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେ ହେଲେ ଗଜପତି ଜିଲା ଅଡ଼ବା ଖ୍ରୀଷ୍ଟିଆନ ସାହିର ଜିତେନ୍ଦ୍ର ଉଠାଣ ସିଂ(୩୮)। ସେହିପରି ତାଙ୍କୁ ୧ଲକ୍ଷ ଟଙ୍କା ଜରିମାନା ଦେବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅତିରିକ୍ତ ୧ ବର୍ଷ ଜେଲଦଣ୍ଡରେ ଦଣ୍ଡିତ ପାଇଁ ନିର୍ଦ୍ଦେଶ ରହିଛି।

ପ୍ରକାଶ ଯେ, ଆଙ୍କୁଲି ଶିବଶକ୍ତିନଗର ୧୦ମ ଲାଇନ୍‌ରେ ଏକ ଅର୍ଦ୍ଧନିର୍ମିତ ଘରେ ଗଞ୍ଜେଇ ମହଜୁଦ ରଖି କାରବାର ହେଉଥିବା ଖବର ମିଳିଥିଲା। ଅବକାରୀ ଗୋଇନ୍ଦା ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତ ଓ ତାଙ୍କ ଟିମ୍ ସେଠାରେ ଚଢ଼ାଉ କରିଥିଲେ। ଉକ୍ତ ଘର ଭିତରେ ୪୦ଟି ବସ୍ତାରେ ଗଞ୍ଜେଇ ଭର୍ତ୍ତି ହୋଇ ରହିଥିଲା। ଘଟଣା ସ୍ଥଳରୁ ଜିତେନ୍ଦ୍ରଙ୍କୁ ଅବକାରୀ ପୋଲିସ ଗିରଫ କରିବା ସହ ଗଞ୍ଜେଇ ଜବତ କରି ତାଙ୍କୁ କୋର୍ଟ ଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ ହୃଦୟ ସାମନ୍ତ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ମାମଲାର ବିଚାର ବେଳେ ୧୧ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଜିତେନ୍ଦ୍ରଙ୍କୁ ଗୁରୁବାର କୋର୍ଟରେ ହାଜର କରାଯାଇଥିଲା। ଏଡିଜେ ଉକ୍ତ ମାମଲାର ଶୁଣାଣି କରି ପ୍ରମାଣ ମିଳିବାରୁ ସେ ତାଙ୍କ ବିରୋଧରେ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ରଜତ କୁମାର ଦାଶ ଓ ମୁଦାଲାଙ୍କ ପକ୍ଷରୁ ସୁଶାନ୍ତ ପାଣିଗ୍ରାହୀ ଓ ଶର୍ମିଷ୍ଠା କର ମକଦ୍ଦମା ପରିଚାଳନା କରିଥିଲେ।

## ବାଇକ୍ -କାର୍ ଧକ୍କା, ବାଇକ୍ ଚାଳକ ମୃତ

ଗୋପାଳପୁର, ୨।୩(ଡି.ଏନ.ଏ.)-ଗୋପାଳପୁର ଥାନା ଅଧୀନ ଆମ୍ବପୁଆ ହାଉସିଂ ବୋର୍ଡ ନିକଟରେ ବୁଧବାର ରାତିରେ ବାଇକ ପଛକୁ ଏକ କାର୍ ଧକ୍କା ଦେବା ଫଳରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ବିକ୍ରମପୁର ଗ୍ରାମର ପି.ଗୋପାଳ ରେଡ୍ଡୀ(୨୩)। ପି. ଗୋପାଳ ବୁଧବାର ବାଇକ ଯୋଗେ ରାତି ପ୍ରାୟ ୧୦ଟାରେ ଘରକୁ ଫେରୁଥିବା ବେଳେ ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଆକ୍ରମଣ, ପ୍ରତିଆକ୍ରମଣ ମାମଲାରେ ୨ କୋର୍ଟଚାଲାଣ

ଗୋପାଳପୁର, ୨।୩(ଡି.ଏନ.ଏ.)-ଆକ୍ରମଣ ଓ ପ୍ରତିଆକ୍ରମଣ ମାମଲାରେ ଗୋଳନ୍ଥରା ଥାନା ପୋଲିସ ଗୁରୁବାର ୨ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରଣ୍ଡା ଗ୍ରାମର ରିଣ୍ଟୁ ପାତ୍ର ଓ ଓମ୍ ସାମନ୍ତରାୟ। ରଣ୍ଡା ଗ୍ରାମରେ ଗତ ୨୮ ତାରିଖରେ ଏକ ବାହାଘର କାର୍ଯ୍ୟକ୍ରମରେ ରିଣ୍ଟୁ ଓ ଓମ୍‌ଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ଓମ୍ ଓ ତାଙ୍କ ସାଙ୍ଗ ଚିକରଡ଼ା ଗ୍ରାମରୁ ଘରକୁ ଫେରୁଥିବା ବେଳେ ରିଣ୍ଟୁ ଗାଳିଗୁଲଜ କରିବା ସହ ଓମ୍‌ଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଅନ୍ୟପଟେ ରିଣ୍ଟୁଙ୍କୁ ମଧ୍ୟ ଓମ୍ ଓ ତାଙ୍କ ସହଯୋଗୀ ଆକ୍ରମଣ କରିଥିଲେ।

## ମାଡ଼ ମାରି ଟଙ୍କା ଲୁଟ୍ ମାମଲା
# ପ୍ରମାଣ ଅଭାବରୁ ଜାମ ସେଠୀ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୨।୩

ଏସ୍‌ଡିଜେଏମ୍ ଗୁରୁବାର ଜଣେ ବ୍ୟବସାୟୀଙ୍କୁ ମାଡମାରି ତାଙ୍କଠାରୁ ଟଙ୍କା ଲୁଟି ନେଇଥିବା ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ସେ ଜାମ ସେଠୀଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଏନେଇ ମୁଦାଲାଙ୍କ ଓକିଲ ସାୟଦ ଇକବାଲ ଓ ଯଶବନ୍ତ ନାୟକ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ୨୦୨୨ ଡିସେମ୍ବର ୨୨ ରାତି ପ୍ରାୟ ୧୧ ଟାରେ ଏସ୍. ସନ୍ତୋଷ କୁମାର ପୃଷ୍ଟି କଂସାରି ସାହି ଘରକୁ ଫେରୁଥିଲେ। ଏକ ସ୍କୁଲ ପାଖରେ ଜାମ ତାଙ୍କୁ ଅଟକାଇ ମାଡ଼ ମାରିଥିଲେ। ତାଙ୍କ ପାଖରେ ଥିବା ୧୫ ହଜାର ଟଙ୍କା ସେ ଲୁଟି ନେଇଥିଲେ। ଏନେଇ ଏସ୍.ସନ୍ତୋଷ ବଡବଜାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନମ୍ବର ୩୫୯/୨୨ରେ ମାମଲା ରୁଜୁ କରି ଜାମଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ଗିରଫ ପରଠାରୁ ଜାମ ବିଚାରାଧୀନ ବନ୍ଦୀ ଥିଲେ। ଗୁରୁବାର ଏସଡିଜେଏମ୍‌ଙ୍କ କୋର୍ଟରେ ଶୁଣାଣି ବେଳେ ତାଙ୍କୁ ହାଜର କରାଯାଇଥିଲା। ପ୍ରମାଣ ନ ମିଳିବାରୁ ଏସ୍‌ଡିଜେଏମ ଜାମଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି।

# ଶାନ୍ତି କମିଟି ସହାୟତା ଲୋଡ଼ିଲା ପୋଲିସ

ଗଞ୍ଜାମ,୨।୩(ଡି.ଏନ.ଏ.)

ଆଜିଠାରୁ ଆରମ୍ଭ ହେବ ଐତିହାସିକ ଦୋଳଯାତ୍ରା। ଏନ୍‌ଏସି ପ୍ରଶାସନ ପରେ ଗଞ୍ଜାମ ପୋଲିସ ପକ୍ଷରୁ ବିଭିନ୍ନ ୱାର୍ଡର ଶାନ୍ତି କମିଟିକୁ ନେଇ ଏକ ଆଲୋଚନା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଗଞ୍ଜାମ ଥାନା ଆଇଆଇସି ସନ୍ତୋଷ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ସେକେଣ୍ଡ ଅଫିସର ନାରାୟଣ କହଁର, ଏସ୍‌ଆଇ ସୁପ୍ରଭା ସାହୁ, ଶାନ୍ତି କମିଟି ସଦସ୍ୟ ତଥା ବଡ଼ ବଜାର ବଣିକ ସଂଘ ସଭାପତି ଗୌରୀ ଶଙ୍କର ବାରିକି, ସାନ ବଜାର ସଂଘ ସଭାପତି ସୁଧୀର କୁମାର ପାଢ଼ୀ, ସୁଦାମ ଚରଣ ଜେନା, ରାକେଶ ରଞ୍ଜନ ଦାସ, ଅଜୟ କୁମାର ବାରିକି, ମଣ୍ଟୁ ରାଉଳ, ଜିତୁ ପଣ୍ଡା, ଭଗବାନ ପ୍ରଧାନ, ବିଶ୍ୱନାଥ ବିଶ୍ୱାଳ, ଅରୁଣ ପଣ୍ଡା, ସନ୍ତୋଷ ଗୌଡ଼ଙ୍କ ସମେତ ସମସ୍ତ ସାହିର ଭଦ୍ର ବ୍ୟକ୍ତି ଉପସ୍ଥିତ ଥିଲେ। ଆସନ୍ତା ୫ରେ ସାହି ଯାତ୍ରା, ୬ରେ ସାହି ଯାତ୍ରା ଶେଷ ଏବଂ ୭ରେ ବଜାର ଯାତ୍ରା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସମସ୍ତ ଷୋହଳ ଠାକୁର ଆସିବା ପାଇଁ ସବୁ ୱାର୍ଡ ଶାନ୍ତି କମିଟି ସହମତି ପ୍ରକାଶ କରିଛନ୍ତି। ଶୋଭାଯାତ୍ରାରେ ଠାକୁର ଯିବା ଆସିବା ସମୟରେ ଦୁଇ ଜଣ ପୋଲିସ ରହିବା ଲାଗି ନିଷ୍ପତ୍ତି ନିଆଯାଇଥିଲା।


ବୈଠକରେ ଆଇଆଇସି ଓ ପୋଲିସ ଅଧିକାରୀ ।

# ଗୁଣି ସନ୍ଦେହରେ ମରଣାନ୍ତକ ଆକ୍ରମଣ

ଚିକିଟି,୨।୩(ଡି.ଏନ.ଏ.)

ଚିକିଟି ବ୍ଲକ କେ.ନୂଆଗାଁ ପଞ୍ଚାୟତ ଆମ୍ବଖୋଳ ଗ୍ରାମର ଜଣେ ବୃଦ୍ଧଙ୍କୁ ଗୁଣି ସନ୍ଦେହରେ ବୁଧବାର ସକାଳେ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ କେ.ନୂଆଗାଁ ଥାନାରେ ଅଭିଯୋଗ ହୋଇଛି। ଆହତ ଜଣକ ହେଲେ ଆମ୍ବଖୋଳ ଗ୍ରାମର କୁଶ ମଳିକ। ଏ ନେଇ କୁଶଙ୍କ ପୁଅ ଭାସ୍କର କେ.ନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ନମ୍ବର ୧୬/୨୩ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

ପ୍ରକାଶ ଯେ, ଆମ୍ବଖୋଳ ଗ୍ରାମରେ ଦୀର୍ଘ ଦିନ ହେଲା କିଛି ମହିଳା ଓ ଶିଶୁ ଅସ୍ୱାଭାବିକ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ଫଳରେ ଗାଁରେ ଉତ୍ତେଜନା ଲାଗି ରହିଥିଲା। ବୁଧବାର ଗ୍ରାମର କେତେଜଣ ବ୍ୟକ୍ତି ଏକତ୍ରିତ ହୋଇ ସନ୍ଦେହରେ କୁଶଙ୍କୁ ଘରୁ ଡାକି ଗ୍ରାମର ଏକ ପୋଲ୍‌ରେ ବାନ୍ଧି ଯଦୁପୁର ଓ କିଛି ଗ୍ରାମର ଲୋକେ ମିଶି ମାଡ଼ମାରିବା ନେଇ ତାଙ୍କ ପୁଅ ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତିକରି କେ.ନୂଆଗାଁ ଥାନା ଅଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ ଉକ୍ତ ଗ୍ରାମକୁ ଯାଇ ତଦନ୍ତ କରି ଫେରିଛନ୍ତି। ଏହାର ବିଧିବଦ୍ଧ ଭାବେ ତଦନ୍ତ କରି ଦୋଷୀଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ କହିଛନ୍ତି।

# ସହଭାଗିତା ମେଳା, ମିଶନ ଶକ୍ତି ମହିଳାଙ୍କୁ ସାଇକେଲ ବଣ୍ଟନ

ବ୍ରହ୍ମପୁର ଅଫିସ/ବୁଗୁଡ଼ା/ଖଲ୍ଲିକୋଟ/ପୋଲସରା/ହିଞ୍ଜିଳିକାଟୁ, ୨।୩

ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ଗୁରୁବାର ୧୮ ଏସ୍‌ଏଚ୍‌ଜି ମହିଳାଙ୍କୁ ସାଇକେଲ ବଣ୍ଟନ କରାଯାଇଛି। ଏଥିରେ ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ଡେପୁଟି କମିଶନର ବିନୋଦ କୁମାର ବେହେରା ଓ ଆଶୀର୍ବାଦ ପରିଡାଙ୍କ ସମେତ ବହୁ ୱାର୍ଡର କର୍ପୋରେଟର ଏବଂ ବିଏମ୍‌ସିର ପଦାଧିକାରୀ ଉପସ୍ଥିତ ଥିଲେ।

ସେହିପରି ବୁଗୁଡା ଏନ୍‌ଏସି କଲ୍ୟାଣ ମଣ୍ଡପରେ ଗୁରୁବାର ଏନ୍‌ଏସି ପକ୍ଷରୁ ମାଗଣା ସାଇକେଲ ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମେଳାରେ ମୁଖ୍ୟ ଅତିଥି ଭାବେ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଯୋଗ ଦେଇ ୨୬ ସ୍ୱଚ୍ଛ ସାଥୀ ଓ ସ୍ୱଚ୍ଛ କର୍ମୀଙ୍କୁ ମାଗଣା ସାଇକେଲ ବଣ୍ଟନ କରିଥିଲେ। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମି ରଞ୍ଜନ ଦାସଙ୍କ ଦ୍ୱାରା ପରିଚାଳିତ ଉକ୍ତ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷା ଗୀତାଞ୍ଜଳି ପାଢ଼ୀଙ୍କ ସମେତ କାଉନସିଲର ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

ସେହିପରି ଖଲ୍ଲିକୋଟ ଏନ୍‌ଏସିରେ ଗୁରୁବାର ୨୩ ସହଭାଗୀଙ୍କୁ ଅଧ୍ୟକ୍ଷ ଇଂ. ନିରଞ୍ଜନ ବେହେରା ସାଇକେଲ ବଣ୍ଟନ କରିଥିଲେ। କାର୍ଯ୍ୟରତ ୯ ଜଣ ସ୍ୱଚ୍ଛ କର୍ମୀ, ୫ ସ୍ୱଚ୍ଛ ସାଥୀ, ୪ ଜଣ ସ୍ୱଚ୍ଛ ସାରଥୀ, ୩ ଜଣ ଆହାର କର୍ମୀ, ଜଣେ ଜଳ ସାଥୀ ଓ ଜଣେ ସ୍ୱଚ୍ଛ ସୁପରଭାଇଜରଙ୍କୁ ମିଶନ ଶକ୍ତି ସାଇକେଲ ବଣ୍ଟନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ଲିଲି ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ରାଜକିଶୋର ପଟ୍ଟନାୟକ, କାଉନସିଲର ପ୍ରଦୀପ କୁମାର ପଟ୍ଟନାୟକ, ନାରାୟଣ ପାଢ଼ୀ, ସୁଜାତା କୁମାରୀ ସାମନ୍ତ, ବଳରାମ ବେହେରା, ନାରାୟଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ପୋଲସରା ଏନ୍‌ଏସି କାର୍ଯ୍ୟାଳୟରେ ଗୋଷ୍ଠୀ ସହଭାଗିତା ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଭିଡିଓ କନଫରେନ୍ସରେ ସାଇକେଲ ବିତରଣର ଶୁଭାରମ୍ଭ କରାଯାଇଥିଲା। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଆନୁକୂଲ୍ୟରେ ମିଶନ ଶକ୍ତିର ମହିଳାମାନଙ୍କୁ ସାଇକେଲ ଦିଆଯାଇଛି। ଶ୍ରମ ଓ କର୍ମଚାରୀ ବୀମା ମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ମହିଳାମାନଙ୍କୁ ସାଇକେଲ ବିତରଣ କରିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ନଗରପାଳିକା ସଙ୍ଗୀତା ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ମୁର୍ମୁ, ଉପାଧ୍ୟକ୍ଷ ସନ୍ତୋଷ କୁମାର ବେହେରା, ପୂର୍ବତନ ନଗରପାଳ ପ୍ରଫୁଲ୍ଲ କୁମାର ପ୍ରଧାନ, ଏମ୍‌ପି ପ୍ରତିନିଧି ମୋତିରାମ ସାହୁ, ନଗର ବିଜେଡି ମହିଳା ସଭାନେତ୍ରୀ କନକ ରାଉତ, ନଗର ବିଜେଡି ସଭାପତି ରଞ୍ଜିତ ସାହୁଙ୍କ ସମେତ ସମସ୍ତ ନିର୍ବାଚିତ ପ୍ରତିନିଧି, ପରିଷଦର କର୍ମଚାରୀ ଓ ମିଶନ ଶକ୍ତିର ମହିଳା ମାନେ ଉପସ୍ଥିତ ଥିଲେ।

ସେହିପରି ହିଞ୍ଜିଳିକାଟୁ ପୌରପରିଷଦରେ ୪୧ ମିଶନ ଶକ୍ତି କମ୍ୟୁନିଟି ପାର୍ଟନରଙ୍କୁ ସାଇକେଲ ବଣ୍ଟନ ହୋଇଛି। ପୌର ନିର୍ବାହୀ ଅଧିକାରୀ ଲୁବୁଲି ଚରଣ ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଲେଇ, ଉପାଧ୍ୟକ୍ଷା ସୁଚିତ୍ରା ପଣ୍ଡା ଯୋଗଦେଇଥିଲେ। ପୌରପରିଷଦ ଆହାର କେନ୍ଦ୍ର, ଜଳସାଥୀ, ସ୍ୱଚ୍ଛକର୍ମୀ, ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର, ସୁପରଭାଇଜରଙ୍କୁ ସାଇକେଲ ବଣ୍ଟନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଦେବାନନ୍ଦ ମହାପାତ୍ର ଓ ଗ୍ରୀଟ ଅଧ୍ୟକ୍ଷ ପବିତ୍ର ମୋହନ ପାଣିଗ୍ରାହୀ, ନଗର ବିଜେଡି ସଭାପତି ଭୀମସେନ ବେହେରା, ଯୁବ ସଭାପତି ସଞ୍ଜୟ କୁମାର ପଣ୍ଡା, ଜିଲା ଯୁବ ସାଧାରଣ ସମ୍ପାଦକ ପ୍ୟାରୀମୋହନ ପାଢି, ପୂର୍ବତନ ଉପନଗରପାଳ ହୃଦୟାନନ୍ଦ ମହାପାତ୍ର, ପୂର୍ବତନ କାଉନସିଲର କିରଣ କୁମାର ପଟ୍ଟନାୟକ, ବିଜେଡି ନେତା ପ୍ରଦିପ କୁମାର ପଣ୍ଡା, ତହସିଲଦାର ପ୍ରଭାତ କୁମାର ପରିଡ଼ା ପ୍ରମୁଖ ସାଇକେଲ ବଣ୍ଟନ କରିଥିଲେ।



ସହଭାଗିତା ମେଳାରେ ବ୍ରହ୍ମପୁର ଓ ବୁଗୁଡ଼ାରେ ମହିଳାମାନଙ୍କୁ ଅତିଥିଙ୍କ ଦ୍ୱାରା ସାଇକେଲ ବଣ୍ଟନ କରାଯାଉଛି।

